### ବଟି ଆଦାୟ ଅଭିଯୋଗ, ୨ ଗିରଫ

**ଆସିକା,(ଡି.ଏନ୍.ଏ.):** ଆସିକା ଥାନା ଇଲାକାରେ ବଟି ଆଦାୟ ଅଭିଯୋଗରେ ପୋଲିସ ମଙ୍ଗଳବାର ୨ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବାବନପୁର ଗ୍ରାମର କାଳୁଚରଣ ଗୌଡ ଓ ବନଜ ବିହାରୀ ନାୟକ । ଉଭୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି । କୋଟିବାଡି ଗ୍ରାମର ବିନ୍ଧ୍ୟାଧର ପାତ୍ରଙ୍କୁ ଅଭିଯୁକ୍ତମାନେ ବଟି ମାଗିଥିବା ଥାନାରେ ଅଭିଯୋଗ ହୋଇଥିଲା ।

## ସଂକ୍ଷେପରେ

### ନଡ଼ିଆ ବୋଝେଇ ଟ୍ରକ୍ ଓଲଟିଲା



**ଭଞ୍ଜନଗର,୯।୩(ଡି.ଏନ.ଏ):** ଭଞ୍ଜନଗର-ଦଶପଲ୍ଲା ମୁଖ୍ୟ ରାସ୍ତାର ପହଣ୍ଡା ଛକ ନିକଟରେ ମଙ୍ଗଳବାର ଅପରାହ୍ଣରେ ଏକ ନଡ଼ିଆ ବୋଝେଇ ଟ୍ରକ ଓଲଟି ପଡ଼ିଛି। ଏଥିରେ ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ଟ୍ରକଟି ଭଞ୍ଜନଗରରୁ ଦଶପଲ୍ଲା ଅଭିମୁଖେ ଯାଉଥିବା ବେଳେ ଓଲଟି ପଡ଼ିଥିଲା ।

### ପୁରୁଷୋତ୍ତମପୁର ତହସିଲ ତିନି ମାସରେ ୨୩ ଲକ୍ଷ ରାଜସ୍ୱ ଆଦାୟ

**ପୁରୁଷୋତ୍ତମପୁର,୯।୩(ଡି.ଏନ.ଏ.):** ପୁରୁଷୋତ୍ତମପୁରରେ ନୂତନ ତହସିଲଦାର ଭାବେ ନିତୀଶ କୁମାର ତ୍ରିପାଠୀ ଯୋଗଦେବାର ତିନି ମାସ ମଧ୍ୟରେ ବହୁ ବେଆଇନ୍ ବାଲି, ପଥର ଓ ଇଟାଭାଟି ଉପରେ ଚଢ଼ାଉ କରାଯାଇ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ଆଦାୟ କରାଯାଇଛି। ଏଥିସହ ଦୁଇ ହଜାରରୁ ଅଧିକ ଜମି ଓ ଘରବାରି ପଟ୍ଟା ମୋ ତହସିଲ ଓ ତହସିଲଦାର ବିଭିନ୍ନ ଗ୍ରାମ ପରିଦର୍ଶନ କରି ହିତାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ସେହିପରି ତହସିଲଦାର ବିଭିନ୍ନ ଗ୍ରାମ ପରିଦର୍ଶନ କରି ଲୋକଙ୍କ ଅଭିଯୋଗ ଶୁଣାଣି କରିଛନ୍ତି। ଏ ନେଇ ତହସିଲଦାର କହିଛନ୍ତି ଯେ, ବହୁ ଗରିବ ଶ୍ରେଣୀର ଲୋକେ ଜମିହୀନ ଅବସ୍ଥାରେ ରହି ଜୀବନ କାଟୁଥିବାରୁ ସେମାନଙ୍କୁ ଶୀଘ୍ର ବସୁନ୍ଧରା ଯୋଜନାରେ ଆସନ୍ତା ମାସରେ ପଟ୍ଟା ଯୋଗାଇ ଦେବା ଲାଗି ସ୍ଥିର କରାଯାଇଛି।

### ଅବକାରୀ ଧରପଗଡ଼ ଜୋର୍‌ଦାର

**ଭଞ୍ଜନଗର,୯।୩(ଡି.ଏନ.ଏ)-** ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ନିର୍ଦ୍ଦେଶ ପରେ ଉପଖଣ୍ଡରେ ଅବକାରୀ ଧରପଗଡ଼ ଜୋରଦାର ଚାଲିଛି। ରବିବାର ଭଞ୍ଜନଗର ପୋଲିସ ୨୦ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି । ଏହି ମାମଲାରେ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଏକ ସ୍କୁଟି ମଧ୍ୟ ଜବତ କରାଯାଇଛି। ସେହିପରି ସୋମବାର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୮ ଜଣଙ୍କୁ ଗିରଫ କରାଯାଇଛି । ଜିଲୁଣ୍ଡି, ବଡ଼କୋଦଣ୍ଡା, ସିଧାପଦର, ମୁଜାଗଡ଼, ଜୟମଙ୍ଗଳ, ବେଡ଼ିଗୋବା, ଭଞ୍ଜନଗର ସହର ମରାଠି ସାହି ଓ ନାହାଟୋଟା ସାହିରେ ଚଢ଼ାଉ ବେଳେ ୧୨୫୬ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିସହ ୧୧ ହଜାର ଲିଟର ପୋଚ ନଷ୍ଟ କରାଯାଇଛି ।

### ଦକ୍ଷତା ବୃଦ୍ଧି ତାଲିମ ଶିବିର

**ନୂଆଗଡ,୯।୩(ଡି.ଏନ.ଏ):** ନୂଆଗଡ଼ ବ୍ଲକ ସାତାରା ଗ୍ରାମରେ ସୋମବାର ରାଜ୍ୟ ସରକାର ଓ ଜାତୀୟ ପ୍ରାଣୀଧନ ମିଶନ ଆନୁକୂଲ୍ୟରେ ଛେଳି ମେଣ୍ଢା ପାଳନକୁ ନେଇ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ଶୁଭମ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନୂଆଗଡ଼ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ଚିକିତ୍ସାଧିକାରୀ ଡା. ଏସ.କେ. ରେଡ୍ଡୀ ଶିବିର ପରିଚାଳନା କରିଥିଲେ। ଶିବିରରେ ସ୍ଥାନୀୟ ଗ୍ରାମପଞ୍ଚାୟତର ଏମ୍‌ବିକେ, କୃଷିମିତ୍ର, ପ୍ରାଣୀମିତ୍ର ଉପସ୍ଥିତ ଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ୯ ସ୍ୱୟଂ ସହାୟକ ଗୋଷ୍ଠୀର ୧୫ ମହିଳା ସମେତ ଅନ୍ୟ ୫ ଜଣ ଚାଷୀ ମୋଟ ୨୦ ଜଣଙ୍କୁ ତାଲିମ ଦିଆଯାଇଥିଲା।

### କୃଷି ରଥ ଉଦ୍‌ଘାଟିତ

**ଗୋଷାଣୀ,୯।୩:** ଗଜପତି ଜିଲା ଗୋଷାଣୀ ବ୍ଲକରେ ସୋମବାର କୃଷି ରଥ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସିଏଚ୍ ତାରେକେଶରୀ, ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କିଶୋର ଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟା ବିମଳା ସାମଲ, ବ୍ଲକ କୃଷି ଅଧିକାରୀ ସୂରତ ପାତ୍ର, ବିଏଓ ବାସୁଦେବ ବିଶୋଇ, ଏଓ ଶରତ କୁମାର ସାବତ, ବିଟିଏମ୍ ହରି ଶଙ୍କର ସିଂ, ଏଟିଏମ୍ ପବିତ୍ର ଜେନା, କମଲ କୁମାର ଘଡ଼େଇ, ଭିଏଡବ୍ଲୁ. ଭବାନି ଶଙ୍କର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଜିଲା ପରିଷଦ ସଭ୍ୟା ପ୍ରଥମେ କୃଷି ରଥକୁ ପୂଜାର୍ଚ୍ଚନା କରି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସରକାରଙ୍କ ବିଭିନ୍ନ ପ୍ରକାର ଯୋଜନା ବିଷୟରେ ସଚେତନ କରାଯାଇଥିଲା।

# ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ

**ଫୁଲବାଣୀ ଅଫିସ, ୯।୩**

କନ୍ଧମାଳରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ମଙ୍ଗଳବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ହେବା ସମ୍ଭାବନାକୁ ଦୃଷ୍ଟିରେ ରଖି ସମସ୍ତ ଅଧିକାରୀମାନଙ୍କୁ ଏବେଠୁ ସଜାଗ ହେବା ପାଇଁ ଜିଲାପାଳ ଡ.ବୃନ୍ଦା ଡି. ପରାମର୍ଶ ଦେଇଥିଲେ। ପ୍ରତି ଗ୍ରାମକୁ କିପରି ପାନୀୟ ଜଳ ଯୋଗାଇ ଦିଆଯାଇପାରିବ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ। ପାନୀୟ ଜଳ ସୁବିଧା ନ ଥିବା ଗାଁଗୁଡିକରେ ପାଣି ଟାଙ୍କି ବ୍ୟବସ୍ଥା ସହିତ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ସେଥିରେ ପାଣି ଭର୍ତ୍ତି କରାଯିବ। ସେଥିପାଇଁ ସମସ୍ତ ବିଡିଓ ଓ ତହସିଲଦାରମାନେ ପଦକ୍ଷେପ ନେବେ । ଆବଶ୍ୟକ ପଡ଼ିଲେ ନିୟମିତ ପାଣି ଭର୍ତ୍ତି କରାଯାଉଛି କି ନାହିଁ ତଦାରଖ କରିବେ ବୋଲି ଜିଲାପାଳ କହିଛନ୍ତି।

ଜଳଛତ୍ର ଖୋଲିବା ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟାମାନଙ୍କ ସହଯୋଗ ରହିବା ଆବଶ୍ୟକ। ବିଜୁଳି ସମସ୍ୟାକୁ ଦୂର କରିବା ପାଇଁ ଆବଶ୍ୟକ କର୍ମଚାରୀ ଓ ଯନ୍ତ୍ରପାତି ମହଜୁଦ୍ ରଖିବାକୁ ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅଚଳ ଅବସ୍ଥାରେ ଥିବା ନଳକୂପ ମରାମତି ପାଇଁ ଆବଶ୍ୟକ ଯନ୍ତ୍ରପାତି ସହ କର୍ମଚାରୀ ପ୍ରତି ବ୍ଲକରେ ସଜାଗ ରଖିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ କିଛି ଗାଁକୁ ନେଇ କ୍ଲଷ୍ଟର କରି ସେଠାରେ ଯନ୍ତ୍ରପାତି ଓ ଟେକ୍ନିସିଆନ୍ ରଖାଗଲେ, କାମ ଆହୁରି ସହଜ ହୋଇପାରିବ ବୋଲି ପରାମର୍ଶ ଦେଇଥିଲେ। ଜଙ୍ଗଲରେ ନିଆଁ ଲାଗିବା ନେଇ ଜିଲାପାଳ କ୍ଷୋଭ ପ୍ରକାଶ କରିଥିଲେ। ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ପୋଲିସ୍ ବିଭାଗର ସହଯୋଗ ରହିବ ବୋଲି ଏସ୍‌ପି ଭିନିତ୍ ଅଗ୍ରୱାଲ୍ କହିଥିଲେ। ସଚେତନତା ବୃଦ୍ଧି ପାଇଁ ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ବିଶ୍ୱନାଥମ୍ ନୀଲନ୍ନମ୍ କୁଇ ଭାଷାରେ ପ୍ରଚାର ଦିଗରେ ବିହିତ ପଦକ୍ଷେପ ନେବେ ବୋଲି କହିଥିଲେ। କନ୍ଧମାଳ ଉପ ଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜ୍ୟଶ୍ରୀ ପଟ୍ଟନାୟକ ଉପସ୍ଥିତ ଥିଲେ।



ବ୍ଲକ ଅଫିସରେ ବଡ଼ଖଣ୍ଡି ଅଞ୍ଚଳର ଚାଷି।

## ଧାନ ବିକ୍ରି ପାଇଁ ବିଡିଓଙ୍କୁ ଦାବିପତ୍ର

**ହିଞ୍ଜିଳିକାଟୁ,୯।୩( ଡି.ଏନ.ଏ)**

ହିଞ୍ଜିଳିକାଟୁ ବ୍ଲକର ବଡ଼ଖଣ୍ଡି ପଞ୍ଚାୟତର ବହୁ ଚାଷୀ ସେମାନଙ୍କ ଧାନମଣ୍ଡିରେ କ୍ରୟ କରିବାକୁ ସୋମବାର ସ୍ଥାନୀୟ ବିଡିଓ ପ୍ରସନ୍ନ କୁମାର ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକର ବିଭିନ୍ନ ଧାନକ୍ରୟ କେନ୍ଦ୍ରରେ (ପିପିସି) ଧାନର ବେଆଇନ ପ୍ରବେଶ, ଅଣଚାଷୀକୁ ଭାଗଚାଷୀ ଓ ମିଲର୍ସଙ୍କ ଲିଷ୍ଟ ପ୍ରକାରେ ଚାଷୀ ତାଲିକା ପ୍ରସ୍ତୁତ ହୋଇ ପ୍ରଥମେ ସେମାନଙ୍କ ଧାନ କିଣା ଯାଇଥିବା ବହୁ ସ୍ଥାନରେ ଅଭିଯୋଗ ହୋଇଛି। ଚଳିତ ଖରିଫ ଧାନ ସଂଗ୍ରହ ପାଇଁ ବ୍ଲକକୁ ଟାର୍ଗେଟ ୨.୧୮ଲକ୍ଷ ଟନ ଧାନ ହୋଇଥିଲା। ଏହି ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକା। ଏ ପର୍ଯ୍ୟନ୍ତ ୨.୫୨ ଲକ୍ଷ ଟନ ଧାନ ସଂଗ୍ରହ ହୋଇଛି। କିନ୍ତୁ ଆହୁରି ଅନେକ ଚାଷୀଙ୍କ ଧାନ ବିକ୍ରି ହୋଇନାହିଁ। ଚାଷୀଙ୍କ ପାଖରେ ଟୋକନ ଥିଲେ ମଧ୍ୟ ଟାର୍ଗେଟ ପୂରଣ ହୋଇଯାଇଥିବା ଆଳ ଦେଖାଇ ସମବାୟ ସମିତି ଆଉ ଚାଷୀଙ୍କ ଧାନ କ୍ରୟ କରୁ ନାହାନ୍ତି ବୋଲି ଚାଷୀମାନେ କହିଛନ୍ତି। ଏ ନେଇ ସେମାନେ ବିଡିଓ ଓ ଯୋଗାଣ ଅଧିକାରୀ ପୁରଞ୍ଜୟ ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ଧାନ ପିପିସି ଜରିଆରେ କ୍ରୟ ପାଇଁ ଚାଷୀମାନେ ନିବେଦନ କରିଛନ୍ତି। ତେବେ ବ୍ଲକ ପାଇଁ ଅତିରିକ୍ତ ଅଧିକ ୪୦ହଜାର ଟନ ଧାନ କ୍ରୟ ଅନୁମତି ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି ଯୋଗାଣ ଅଧିକାରୀ କହିଛନ୍ତି।

# ପିଇବା ପାଣି ସମସ୍ୟା ନେଇ ରାସ୍ତାରୋକୋ



ହାଣ୍ଡି, ମାଠିଆ ରଖି ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି।

### କାମ ଆରମ୍ଭ ପରେ ଆନ୍ଦୋଳନରୁ ହଟିଲେ ମହିଳା

**ଶେରଗଡ,୯।୩(ଡି.ଏନ୍.ଏ.)**

ଶେରଗଡ ରାମଚଣ୍ଡୀ ପ୍ରାଥମିକ ବିଦ୍ୟାଳୟକୁ ଲାଗି ରହିଥିବା ସାହିକୁ ବହୁ ବର୍ଷ ହେଲା ପିଇବା ପାଣି ଆସୁନି । ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। ତେଣୁ ମଙ୍ଗଳବାର ସକାଳେ କେତେଜଣ ମହିଳା ହାଣ୍ଡି, ମାଠିଆ ଓ ବାଲ୍‌ଟି ଧରି ବିଦ୍ୟାଳୟ ସମ୍ମୁଖ ଦିଗପହଣ୍ଡି ରାସ୍ତା ଅବରୋଧ କରିଥିଲେ । ଫଳରେ ବହୁ ଗାଡ଼ିମୋଟର ଅଟକି ରହିଥିଲା। ଏହାକୁ ସମର୍ଥନ ଜଣାଇ ପୁରୁଷମାନେ ମଧ୍ୟ ରାସ୍ତାକୁ ଓହ୍ଲାଇଥିଲେ। ପ୍ରାୟ ୨ ଘଣ୍ଟା ପରେ ସ୍ଥାନୀୟ ବିଡିଓ ସୁରଞ୍ଜନ କୁମାର ସାହୁ ଓ ବାଲାଜୀ ପ୍ରଧାନ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ମହିଳାମାନେ ପାଣି ଯୋଗାଣ ନ ହେବା ପର୍ଯ୍ୟନ୍ତ ରାସ୍ତାରୋକୋ କରିବୁ ବୋଲି ଜିଦ୍ ଧରିଥିଲେ। ପରେ ସ୍ଥାନୀୟ ତହସିଲଦାର ଡ.ଦୟାସିନ୍ଧୁ ପରିଡା, ଥାନାଅଧିକାରୀ ରମେଶ ଚନ୍ଦ୍ର ଦାସ, ଜଳପରିମଳ ବିଭାଗର ଯନ୍ତ୍ରୀ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଆନ୍ଦୋଳନ ହଟି ନ ଥିଲା। ଶେଷରେ ପ୍ରଶାସନ ପକ୍ଷରୁ ହିଟାଚି ଆଣି ରାସ୍ତା ଖୋଳି ପାଇପ ପଡିବା କାମ ଆରମ୍ଭ ପରେ ମହିଳାମାନେ ରାସ୍ତା ଅବରୋଧରୁ ଓହରିଥିଲେ। ସୂଚନାଯୋଗ୍ୟ, ସାହିକୁ ପାଇପ ବିଛା ଯାଇଥିଲେ ମଧ୍ୟ କିଛିବର୍ଷ ହେଲା ଜଳ ଯୋଗାଣ ହେଉ ନ ଥିଲା। ଏ ନେଇ ସାହି ବାସିନ୍ଦା ଜଳପରିମଳ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧିଙ୍କୁ ଜଣାଇଥିଲେ ମଧ୍ୟ ସୁଫଳ ନ ମିଳିବାରୁ ରାସ୍ତାକୁ ଓହ୍ଲାଇଥିଲେ।

## କୋଭିଡ୍ କଟକଣା: ପଞ୍ଚ ଠାକୁରାଣୀ ଯାତ୍ରା ବନ୍ଦ

**ବୁଗୁଡ଼ା,୯।୩(ଡି.ଏନ.ଏ.)**

ରାଜ୍ୟ ସରକାର ଏବଂ ଗଞ୍ଜାମ ଜିଲା ପ୍ରଶାସନ ଜାରି କରିଥିବା କୋଭିଡ କଟକଣା ଯୋଗୁ ଚଳିତବର୍ଷ ଯାତ୍ରା ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ବୁଗୁଡ଼ାରେ ହେବାକୁ ଥିବା ପଞ୍ଚ ଠାକୁରାଣୀ ଯାତ୍ରା ବନ୍ଦ କରାଯାଇଛି ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି। ମହାଶିବରାତ୍ରି ଦିନ ଯାତ୍ରା ନିମନ୍ତେ ହେବାକୁ ଥିବା ଶୁଭ ଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ମଧ୍ୟ ବାତିଲ ହୋଇଛି। ପ୍ରକାଶଥାଉ କି, ଗତ ୩ ତାରିଖରେ ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପଠାରେ ପଞ୍ଚ ଠାକୁରାଣୀ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ମେ ମାସ ୫ରୁ ଯାତ୍ରା ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଥିଲା। କୋଭିଡ କଟକଣା ଯୋଗୁ ଦଣ୍ଡ ଯାତ୍ରା ପାଇଁ ମଧ୍ୟ କଟକଣା ଜାରି ହୋଇଛି। କେବଳ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ବ୍ୟତୀତ ଅପେରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିବ ବୋଲି ଜଣାପଡିଛି।

## ଗଞ୍ଜାମ ଜଙ୍ଗଲର ୨୧୫୩ ସ୍ଥାନରେ ଲାଗିଲାଣି ନିଆଁ

### ୨ ଦିନ ହେଲା କମୁଛି, ଜିଲାପାଳଙ୍କ ସମୀକ୍ଷା

**ଛତ୍ରପୁର,୯।୩(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ବ୍ରହ୍ମପୁର, ଘୁମୁସର ଉତ୍ତର ଓ ଦକ୍ଷିଣ ବନଖଣ୍ଡ ରହିଛି । ବର୍ତ୍ତମାନ ସୁଦ୍ଧା ଏହି ୩ ବନଖଣ୍ଡର ଅଧୀନ ଜଙ୍ଗଲଗୁଡିକର ୨୧୫୩ ସ୍ଥାନରେ ନିଆଁ ଲାଗିଲାଣି । ଜଙ୍ଗଲରେ ନିଆଁ ଲାଗିବାକୁ କିଭଳି ରୋକା ଯାଇପାରିବ ସେ ନେଇ ମଙ୍ଗଳବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବନଖଣ୍ଡ ଅଧିକାରୀମାନେ ଯୋଗଦେଇ ତଥ୍ୟ ପ୍ରଦାନ କରିଥିଲେ । ଗତ ୨ ଦିନ ହେଲା ଜଙ୍ଗଲରେ ନିଆଁ ଲାଗିବା କମିଛି । ନିଆଁକୁ ଆୟତ୍ତ କରିବାକୁ ବନ କର୍ମଚାରୀ ସଂଖ୍ୟା ଦୁଇ ଗୁଣ କରାଯାଇଛି । ରାତ୍ରି ପାଟ୍ରୋଲିଂ ହେଉଛି । ଜଙ୍ଗଲ ନିକଟବର୍ତ୍ତୀ ଗାଁ ଲୋକେ, ପଞ୍ଚାୟତ ଜନପ୍ରତିନିଧି, ମହିଳା ସଂଘ, ବନ ସୁରକ୍ଷା ସମିତି ସଦସ୍ୟ ଏବଂ ସ୍କ୍ୱାର୍ଡ ମିଶି ନିଆଁ ଲିଭାଉଥିବା ଜିଲାପାଳ ସୂଚନା ଦେଇଛନ୍ତି। ଜଙ୍ଗଲ ସୁରକ୍ଷା ପାଇଁ ସମସ୍ତେ ମିଳିମିଶି କାମ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଜଙ୍ଗଲରେ ନିଆଁ ଲାଗିବା ସମ୍ବନ୍ଧରେ ସାଟେଲାଇଟ୍ ମାଧ୍ୟମରେ ସୂଚନା ଆସିବା ପରେ ଯଥାଶୀଘ୍ର ତାହାକୁ ଆୟତ କରାଯାଉଛି। ନିଆଁ ଲିଭିଲେ ବି ସାଟେଲାଇଟ୍‌ରେ ସୂଚନା ଆସୁଛି । ଦୈନିକ ବନ ବିଭାଗ ପକ୍ଷରୁ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଉଥିବା ସମୀକ୍ଷାରୁ ଜଣାପଡିଛି । ସୋରଡା ଅଞ୍ଚଳ ସହ ପାତ୍ରପୁର ବ୍ଲକ ତୁମ୍ବା ଉନ୍ନୟନ କର୍ତ୍ତୃପକ୍ଷ ସହ ଆଲୋଚନା ସହ ସଚେତନ କରାଯାଇଛି ।

# କୃଷକ ସମ୍ପର୍କ ମେଳା

**ଦାରିଙ୍ଗବାଡ଼ି,୯।୩(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ ପ୍ଲିହେରୀ ପଞ୍ଚାୟତ ପଡ଼ିଆରେ ସୋମବାର କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି । ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷକଙ୍କୁ ଉତ୍ସାହିତ କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ବ୍ୟାଙ୍କଗୁଡିକ ଠିକ ଭାବେ ଚାଷୀଙ୍କୁ ଋଣ ପ୍ରଦାନ କରୁ ନ ଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ବ୍ୟାଙ୍କ ପ୍ରତିଷ୍ଠାନ ଚାଷୀଙ୍କୁ ସହଯୋଗ କରିବାକୁ କହିଥିଲେ। ଦାରିଙ୍ଗବାଡ଼ି ବ୍ଲକ କୃଷି ଅଧିକାରୀ ବୃନ୍ଦାବନ ବେହେରା ଚାଷୀଙ୍କୁ ମତ୍ସ୍ୟ ଚାଷ, କୁକୁଡ଼ା ପାଳନ, ଉଦ୍ୟାନଭିତ୍ତିକ ଚାଷ ଆଦି କରି ଲାଭବାନ ହେବାକୁ କହିଥିଲେ। ଏହି ଅବସରରେ ବିଧାୟକ ଏକ କୃଷକ ସଚେତନତା ରଥ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଅନ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ତିମତି ପ୍ରଧାନ, ଏମ୍‌ପି ପ୍ରତିନିଧି କ୍ଷେତ୍ରୀବଳ ନାୟକ, ବିଧାୟକ ପ୍ରତିନିଧି ଦୀପକ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସହକାରୀ କୃଷି ଅଧିକାରୀ ଖିତ୍ତିବିଳାସ ବେହେରା, କୃଷି ଓଭରସିୟର, ବିକ୍ରମ ପ୍ରଧାନ, ଅମିୟ ପଟ୍ଟନାୟକ, ଚିତ୍ତରଞ୍ଜନ ପଣ୍ଡା, ଅରୁଣ କୁମାର ପଟ୍ଟନାୟକ, ସୋମନାଥ ସ୍ୱାଇଁ, ରଞ୍ଜିତ କୁମାର ପ୍ରଧାନ, ଚନ୍ଦନ କୁମାର ସିଂ ପ୍ରମୁଖ ସହଯୋଗ କରିଥିଲେ । ୫ ସଫଳ କୃଷକଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।




ବିଧାୟକ ସାଲୁଗା ପ୍ରଧାନ କୃଷକ ସଚେତନତା ରଥ ଉଦ୍‌ଘାଟନ କରୁଛନ୍ତି।

## ଅନ୍ତର୍ଜାତୀୟ ମହିଳା ଦିବସ

**ପାରଳାଖେମୁଣ୍ଡି,୯।୩(ଡି.ଏନ୍.ଏ.)–** ପାରଳାଖେମୁଣ୍ଡିରେ ଗଜପତି ଜିଲାସ୍ତରୀୟ ମହିଳା ଦିବସ ଜିଲା ସମାଜ ମଙ୍ଗଳ ବିଭାଗ ଓ ଭାରତୀୟ ଗ୍ରାମୀଣ ବିକାଶ ସମିତିର ସଖି ୱାନ ଷ୍ଟପ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସଭାସ୍ଥଳରେ ପହଞ୍ଚିଥିଲା। ପରେ ସଚେତନତା ସଭାସ୍ଥଳରେ ଏକ ଦସ୍ତଖତ ଅଭିଯାନ ଓ ମହିଳାମାନଙ୍କୁ ମାସ୍କ ବଣ୍ଟାଯାଇଥିଲା । ପରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଓ ସଚେତନତା ସଭା ହୋଇଥିଲା। କାର୍ଯ୍ୟକ୍ରମକୁ ଜିଲାପାଳ ଅନୁପମ ସାହା ଉଦ୍‌ଘାଟନ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେବୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲାପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନେ ସ୍ୱାବଲମ୍ବୀ ହେବା ନିମନ୍ତେ ସରକାର ବିଭିନ୍ନ ଯୋଜନା କରିଥିବା କହିଥିଲେ। ସିଡିଏମଓ ପ୍ରଦୀପ କୁମାର ପାତ୍ର, ଓଡିଶା ନିଯୁକ୍ତି ମିଶନର ଜିଲା ପ୍ରକଳ୍ପ ପରିଚାଳିକା ପ୍ରିୟମ୍ବଦା ବିଶୋଇ, ପୂଜ୍ୟପୂଜା ସଂସଦର ରାଜ୍ୟ ସମ୍ପାଦକ ମହେଶ୍ୱର ବରାଡ଼, ସଖିର ନିର୍ଦ୍ଦେଶକ ସୁଧୀର ସାବତ, ସଖି ୱାନଷ୍ଟପ କେନ୍ଦ୍ରର ପ୍ରଶାସିକା ଭାଗ୍ୟଲକ୍ଷ୍ମୀ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସାରେ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ହାସଲ କରିଥିବା ମହିଳାଙ୍କୁ ସମ୍ମାନିତ କରାଯାଇଥିଲା।

## ତହସିଲଦାରଙ୍କ ପୋତାଗଡ଼ ପୁନରୁଦ୍ଧାର କାର୍ଯ୍ୟ ଅନୁଧ୍ୟାନ



ତହସିଲଦାର ପୋତାଗଡ଼ ପରିଦର୍ଶନ କରୁଛନ୍ତି।

**ଗଞ୍ଜାମ,୯।୩(ଡି.ଏନ୍.ଏ.)**

ଗଞ୍ଜାମ ସହରର ପୋତାଗଡ଼ ସୌନ୍ଦର୍ଯ୍ୟକରଣ ଓ ପୁନରୁଦ୍ଧାର କାର୍ଯ୍ୟ ଜୋରସୋରରେ ଚାଲିଛି। ମଙ୍ଗଳବାର ତହସିଲଦାର ଅରୁଣ କୁମାର ନାୟକ ପୋତାଗଡ଼ ଗ୍ରସ୍ତ କରି ଚାଲିଥିବା କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ବର୍ତ୍ତମାନ ଯୁଦ୍ଧକାଳୀନ ଭିତ୍ତିରେ ପୋତାଗଡ଼ ଚତୁଃପାର୍ଶ୍ୱ ସଫେଇ ଚାଲିଛି । ଏହି ସଫେଇ କାର୍ଯ୍ୟ ସ୍ଥାନୀୟ ଗ୍ରାସୀମ କମ୍ପାନୀ କର୍ମଚାରୀ କରୁଥିବା ବେଳେ ଏହାକୁ କମ୍ପାନୀ ଜିଜିଏମ୍ ରବୀନ୍ଦ୍ର କୁମାର ମହାନ୍ତି ଓ ପିଆରଓ ପ୍ରବୀଣ କୁମାର ଦାସ ତଦାରଖ କରୁଛନ୍ତି। ପୋତାଗଡ଼କୁ ଲାଗି ରହିଥିବା ଋଷିକୁଲ୍ୟା ନଦୀରେ ବୋଟିଂ ବ୍ୟବସ୍ଥା, ଶିଶୁ ପାର୍କ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ସେଠାରେ ଫୁଡ ପ୍ଲାଜା ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛି ପ୍ରଶାସନ। ତହସିଲଦାରଙ୍କ ସମୀକ୍ଷା ବେଳେ ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାଢ଼ୀ, ଯୁବ ସ୍ୱେଚ୍ଛାସେବୀ ରାକେଶ ରଞ୍ଜନ ଦାସ, ମନୋଜ ପ୍ରଧାନ, ମଦନ ପଣ୍ଡା, ପପୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଶିବରାତ୍ରିରେ ଭଜନ, କୀର୍ତ୍ତନ ଉପରେ କଟକଣା

**ଫୁଲବାଣୀ ଅଫିସ, ୯।୩**

ଜନଗହଳି ପୂର୍ଣ୍ଣ ସ୍ଥାନରେ କୋଭିଡ୍ ସଂକ୍ରମଣ ଆଶଙ୍କା ଅଧିକ ରହିଛି। ଏଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ସରକାର ସମସ୍ତ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ୧୧ ତାରିଖରେ ମହାଶିବରାତ୍ରୀ ଓ ଜାଗର ଯାତ୍ରା ହେବ। ଜନସମାଗମକୁ ନିୟନ୍ତ୍ରିତ କରିବା ପାଇଁ କନ୍ଧମାଳରେ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହୋଇଛି। ପ୍ରଶାସନ ତରଫରୁ ଭଜନ, କୀର୍ତନ ଆଦିକୁ ନିଷିଦ୍ଧ କରାଯାଇଛି। ଶ୍ରଦ୍ଧାଳୁଙ୍କ ମନ୍ଦିର ପ୍ରବେଶ ଓ ପୂଜାବିଧି ଉପରେ କୌଣସି କଟକଣା ନାହିଁ। ସମସ୍ତେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରଖିବାକୁ ପରାମର୍ଶ ଦିଆଯାଇଛି। ମନ୍ଦିର ପରିସର ଯେପରି ଠିକ ଭାବେ ବିଶୋଧିତ ହେବ, ତାହାକୁ ସୁନିଶ୍ଚିତ କରିବାକୁ ମନ୍ଦିର କମିଟି ଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ସହିତ ନିୟମିତ ସମୟ ବ୍ୟବଧାନରେ ଶୈବପୀଠ ଗୁଡ଼ିକ ପରିଦର୍ଶନ କରିବାକୁ ସମ୍ପୃକ୍ତ ତହସିଲଦାର ଏବଂ ଅନ୍ୟାନ୍ୟ ପଦାଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଗୁପ୍ତେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ: ସାମନ୍ତରାପୁର ଚାମ୍ପିୟନ

**ଦିଗପହଣ୍ଡି,୯।୩(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ ଫାସିବନ୍ଧ ଗ୍ରାମରେ ଚାଲିଥିବା ଗୁପ୍ତେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ କୁଶପଡ଼ା ପଞ୍ଚାୟତ କେ. ସାମନ୍ତରାପୁର କ୍ରିକେଟ ଟିମ ପ୍ରତିପକ୍ଷ ଭ୍ରମରବରପୁର ପଲ୍ଲୀ ଟିମକୁ ପରାଜିତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସଭାକୁ ଆୟୋଜକ କମିଟି କାର୍ଯ୍ୟକର୍ତ୍ତା ମନୋଜ କୁମାର ସାହୁ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ବିଜେତା ଓ ଉପ ବିଜେତା ଟିମକୁ ଟ୍ରଫି ସହ ପୁରସ୍କାର ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଦିଗପହଣ୍ଡି ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ଉଦୟନାଥ ସ୍ୱାଇଁ, କେ. ହରିବନ୍ଧୁ ରେଡ୍ଡୀ,ଅସିତ ସାହୁ, ରାଜ କିଶୋର ମହାନ୍ତି, ବିକ୍ରମ ସିଂ, ଜିଲା ପରିଷଦ ସଦସ୍ୟ କୃଷ୍ଣ ଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ।



ପୁରସ୍କାର ପ୍ରଦାନ କରୁଛନ୍ତି ମୁଖ୍ୟ ଅତିଥି।

# ମତ୍ସ୍ୟ, ପଶୁ ସମ୍ପଦ ବିଭାଗ ଅତିରିକ୍ତ ସଚିବଙ୍କ ସମୀକ୍ଷା

**ଗୋପାଳପୁର,୯।୩**

ରଙ୍ଗେଇଲୁଣ୍ଡା ବ୍ଲକ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗର ବିଭିନ୍ନ ପ୍ରକଳ୍ପକୁ ମଙ୍ଗଳବାର ଏହି ବିଭାଗର ଅତିରିକ୍ତ ସଚିବ ସୁମନ ବେହେରା ସମୀକ୍ଷା କରିଛନ୍ତି। ପୂର୍ବାହ୍ଣରେ ଅତିରିକ୍ତ ସଚିବଙ୍କ ପ୍ରକଳ୍ପ ପରିଦର୍ଶନ ସମୟରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦେବାନନ୍ଦ ବେହେରା, ମତ୍ସ୍ୟ ବିଭାଗର ଉପନିର୍ଦ୍ଦେଶକ ଶିବ ପ୍ରସାଦ ଭୋଇ, ଜିଲା ମତ୍ସ୍ୟ ଅଧିକାରୀ ପ୍ରମୋଦ ରାଉତ, ବ୍ରହ୍ମପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା.ଅରବିନ୍ଦ ବେହେରା, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଏଲ୍‌ପି ଡା.. ମଧୁସୂଦନ ସୁବୁଦ୍ଧି ଉପସ୍ଥିତ ଥିଲେ। ପ୍ରଥମେ ଅତିରିକ୍ତ ସଚିବ ଇନ୍ଦ୍ରାକ୍ଷୀ ଗ୍ରାମରେ ଥିବା ବଜରଙ୍ଗୀବାଲି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ କରାଯାଇଥିବା ୨୦୦ କୁକୁଡ଼ାଫାର୍ମ ପରିଦର୍ଶନ କରିଥିଲେ। ଏଥିସହ ଉକ୍ତ ଗ୍ରାମରେ ସସ୍ମିତା ସାହୁ କରିଥିବା ଚିଙ୍ଗୁଡ଼ିଚାଷ ଓ ସସ୍ମିତା ମହାପାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ମାଛ ପୋଖରୀ ପରିଦର୍ଶନ କରି ଉକ୍ତ ପ୍ରକଳ୍ପ ସମ୍ପର୍କରେ ଉଭୟଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ରଙ୍ଗେଇଲୁଣ୍ଡା ବିଡିଓ ଡା. ପ୍ରଭୁଦତ୍ତ ଦାଶ, ଚିକିଟି ବିଡିଓ ଡା.କୈଳାସ ଚନ୍ଦ୍ର ସାମନ୍ତରାୟ, ବଡ଼କୁଶସ୍ଥଳୀ ଭିଏସ୍ ଡ଼ା.ତପସ୍ୱିନୀ ନାୟକ, ଚିକିଟି ଏଡିଭିଏସ୍ ଡ଼ା.ମନୋଜ ଷଡ଼ଙ୍ଗୀ ଓ ସହକାରୀ ମତ୍ସ୍ୟ ଅଧିକାରୀ ଦିପ୍ତୀମୟୀ ବେହେରାଙ୍କ ପ୍ରମୁଖ ଉପସ୍ଥିତ ଥିଲେ।



କୁକୁଡ଼ାଫାର୍ମ ପରିଦର୍ଶନ କରୁଛନ୍ତି ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଅତିରିକ୍ତ ସଚିବ।

**୧୪୪ କେଜି ଗଞ୍ଜେଇ ଜବତ,୩ ଗିରଫ**

**ଶେରଗଡ:** (ଡି.ଏନ୍.ଏ.)- ବଡ଼ଗଡ଼ ପୋଲିସ ମଙ୍ଗଳବାର ଭୋର୍‌ରେ ପାଟ୍ରୋଲିଂ କରୁଥିବା ବେଳେ କୋଲ୍ଡ ଡ୍ରିଂକ ଏବଂ କୁରକୁରେରେ ବୋଝେଇ ହୋଇ ଯାଉଥିବା ଏକ ମିନିଟ୍ରକରୁ ୧୪୪ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବିଷ୍ଣୁପ୍ରସାଦ ସାହୁ, ବିରଞ୍ଚି ବାରିକ ଓ ଟୁକୁନା ବାରିକ। ଅଭିଯୁକ୍ତମାନେ ମୋହନାରୁ ବ୍ରହ୍ମପୁର ଅଭିମୁଖେ ଗଞ୍ଜେଇ ଧରି ଯାଉଥିବା ବେଳେ ବରଗଡ଼ ନିକଟସ୍ଥ ତାଲଖାଇ ମନ୍ଦିର ସମ୍ମୁଖରୁ ପୋଲିସ ସେମାନଙ୍କୁ ଧରିଥିଲା। ଏ ନେଇ ବଡ଼ଗଡ଼ ଥାନାରେ ନଂ. ୬୧/୨୧ରେ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ହତ୍ୟା ଘଟଣା
### ୨ ହତ୍ୟାକାରୀ ଗଲେ ଜେଲ

**ବ୍ରହ୍ମପୁର ଅଫିସ,୯।୩**
ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ସଦର ଥାନା ଅଞ୍ଚଳରେ ଦିନକ ମଧ୍ୟରେ ପୃଥକ୍ ସ୍ଥାନରେ ଜଣେ ମହିଳାଙ୍କ ସମେତ ୨ଜଣଙ୍କୁ ହତ୍ୟା କରାଯାଇଥିଲା। ପୋଲିସ ଏହି ଘଟଣାରେ ୨ ହତ୍ୟାକାରୀଙ୍କୁ ଗିରଫ କରିଥିଲା। ଗତ ୭ତାରିଖ ରାତିରେ ଝାଡ଼ାଙ୍କୁଲିର ସାତକୁଟଣିରେ କୋରା ସେଠୀଙ୍କୁ ହତ୍ୟା କରାଯାଇଥିବା ବେଳେ ତାଙ୍କ ପୁଅ ପ୍ରଶାନ୍ତଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ପୋଲିସ ମାମଲା ନମ୍ବର ୫୭/୨୧ରେ ମୁଖ୍ୟ ଅଭିଯୁକ୍ତ ମିଟୁ ଓରଫ ମୁରଲୀ ସାହୁ (୪୪)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା। ଏସ୍‌ଡିଜେଏମ୍ ଅଭିଯୁକ୍ତ ମୁରଲୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିବା ପୋଲିସ କହିଛି। ଅନ୍ୟପଟେ ଏହି ଘଟଣାରେ ମୁରଲୀଙ୍କ ଶଳା କାଳିଆ ସାହୁ ଫେରାର ଥିବା ମଧ୍ୟ ପୋଲିସ କହିଛି। ସେହିଭଳି ବାଲିପଡା ଗ୍ରାମର ଏକ ବିଲରେ ଭାଇ ବୋହୂଙ୍କୁ ତାଙ୍କ ଦେଢଶୁର ସମ୍ପତ୍ତି ଲୋଭରେ ଠେଙ୍ଗାରେ ଆକ୍ରମଣ କରି ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ମାମଲା ନମ୍ବର ୫୮/୨୧ ରେ ଅଭିଯୁକ୍ତ ପ୍ରଭାକର ବିଷୋୟୀଙ୍କୁ ଗିରଫ କରିଛି। ମଙ୍ଗଳବାର ପୋଲିସ ପ୍ରଭାକରଙ୍କୁ କୋର୍ଟ ଚାଲାଣ କରିଛି। ଏସ୍‌ଡିଜେଏମ୍ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଥିବା ପୋଲିସ ସୂଚନା ଦେଇଛି।

### ଭାଜପାର ସାଙ୍ଗଠନିକ ବୈଠକ

**ଗଞ୍ଜାମ,୯।୩(ଡି.ଏନ.ଏ.)**
ଆଗାମୀ ପୌର ନିର୍ବାଚନ ପାଇଁ ଭାଜପା ଦଳୀୟ ସ୍ଥିତି ମଜଭୁତ କରିବା ଲାଗି ଗଞ୍ଜାମ ବ୍ଲକ ହୁମ୍ମା ପାଦୁକାଇ ମନ୍ଦିର ପ୍ରାଙ୍ଗଣରେ ଭାଜପାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ହୁମ୍ମା ମଣ୍ଡଳ ସଭାପତି ଭାବେ ଗଗନ କୁମାର ନାହାକଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଏଥିରେ ହୁମ୍ମା ମଣ୍ଡଳ ପ୍ରଭାରୀ କାନ୍ତାରୀ ଦଳାଇ ସଭାପତିତ୍ୱ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜିଲା ସଭାପତି ଏସ୍‌ସି ମୋର୍ଚ୍ଚା ପ୍ରଶାନ୍ତ କୁମାର କର, ଗଞ୍ଜାମ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ଏସସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ କୀର୍ତ୍ତନ ଦାସ, ଜିଲା ସମ୍ପାଦକ ଭୀମସେନ ବେହେରା, ଗଞ୍ଜାମ ଏନ୍‌ଏସି ନଗର ସଭାପତି ସୁଦାମ ଜେନା, ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ଜିତେନ୍ଦ୍ର ଦଳାଇ, ତପନ ବିଶ୍ୱାଳ, ପ୍ରଫୁଲ୍ଲ ନାହାକ ପ୍ରମୁଖଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ହଳଦିଆପଦର ବସ୍ ଟର୍ମିନାଲ ଫାଟକରେ ତାଲା

- ଉଦ୍‌ଘାଟନର ବିତିଛି ୫ ବର୍ଷ
- ବିଡିଏ ବ୍ୟୟ କରିଛି ୧୨.୭୪ କୋଟି
- ଗୋପାଳପୁର ବସ୍‌ଷ୍ଟାଣ୍ଡରେ ଏନ୍‌ଏସି ଅଫିସ

**ବ୍ରହ୍ମପୁର ଅଫିସ,୯।୩**
ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ନିର୍ମିତ ହଳଦିଆପଦର ବସ୍ ଟର୍ମିନାଲକୁ ୨୦୧୬ ଫେବୃୟାରୀ ୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ୫ ବର୍ଷ ବିତିବା ପରେ ବି ଏହା କାର୍ଯ୍ୟକ୍ଷମ ନ ହୋଇ ମୁଖ୍ୟ ଫାଟକରେ ତାଲା ପଡ଼ିଛି। ସୂଚନାଯୋଗ୍ୟ, ବ୍ରିଟିଶ ଶାସନ ସମୟରୁ ବ୍ରହ୍ମପୁର ସହରର କେନ୍ଦ୍ରସ୍ଥଳରେ ପୁରୁଣା ବସ୍‌ଷ୍ଟାଣ୍ଡ ଥିଲା। ସେଠାରୁ ବିଭିନ୍ନ ସ୍ଥାନକୁ ସରକାରୀ ଏବଂ ଘରୋଇ ବସ୍‌ଗୁଡ଼ିକରେ ଯାତ୍ରୀ ପରିବହନ ହେଉଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଓଆରଟି କମ୍ପାନୀ ଭାଙ୍ଗିଗଲା ଏବଂ ଓଏସ୍‌ଆରଟିସି (ଓଡ଼ିଶା ରାଜ୍ୟ ରୋଡ ପରିବହନ ନିଗମ)ରେ ସାମିଲ ହୋଇଥିଲା। ସେହି ବସ୍ ମଧ୍ୟ ସେଠାରୁ ନିୟମିତ ଚଳାଚଳ ହେଉଥିଲା। ଜନସଂଖ୍ୟା ସହ ବସ୍‌ସଂଖ୍ୟା ମାତ୍ରାଧିକ ବୃଦ୍ଧି ପାଇବାରୁ ୧୯୮୦ ଦଶକରେ ବଡ଼ ମେଡିକାଲ ପଛପଟରେ ସେତେବେଳର ବ୍ରହ୍ମପୁର ଆଞ୍ଚଳିକ ଉନ୍ନୟନ ସଂସ୍ଥା (ବ୍ରିଟ୍) ଦ୍ୱାରା ନୂଆ ବସ୍‌ଷ୍ଟାଣ୍ଡ ନିର୍ମିତ କରାଗଲା। ତାହାକୁ ଏବେ ସିଟି ବସ୍‌ଷ୍ଟାଣ୍ଡ ନାମରେ ନାମିତ କରାଯାଇଛି।

ସିଟି ବସ୍‌ଷ୍ଟାଣ୍ଡରୁ ପ୍ରତିଦିନ ୩ ଶତାଧିକ ଘରୋଇ ବସ୍ ରାଜ୍ୟର ବିଭିନ୍ନ ସ୍ଥାନକୁ ଚଳାଚଳ କରୁଛି। ମହାନଗରରେ ଟ୍ରାଫିକ ସମସ୍ୟା ଦେଖାଦେବାରୁ ବିଡିଏ ପକ୍ଷରୁ ବ୍ରହ୍ମପୁର ଉପକଣ୍ଠ ହଳଦିଆପଦରରେ ୧୨.୭୪ କୋଟି ଟଙ୍କା ବ୍ୟୟରେ ଆଧୁନିକ ବସ୍ ଟର୍ମିନାଲ ନିର୍ମାଣ କରାଯାଇଛି। ଉଦ୍‌ଘାଟନ ପରଠାରୁ ସେଠାକୁ ବସ୍ ନ ଯାଇ ଫାଙ୍କା ପଡ଼ିଛି। ସଂଖ୍ୟାଧିକ ରୁଟ୍‌ରେ ଯାତାୟାତ କରୁଥିବା ଘରୋଇ ବସ୍‌ଗୁଡ଼ିକ ସେଠାକୁ ନ ଯାଇ ସିଟି ବସ୍‌ଷ୍ଟାଣ୍ଡରୁ ଚଳାଚଳ କରୁଛି। ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ହଳଦିଆପଦର ବସ୍ ଟର୍ମିନାଲ ଥିବାରୁ ଅନେକ ସମସ୍ୟା ରହିଛି। ତେଣୁ ଘରୋଇ ବସ୍ ମାଲିକମାନେ ସେଠାକୁ ବସ୍ ନେବା ପାଇଁ ଅମଙ୍ଗ ହେଉଛନ୍ତି।

ବିଡିଏ ଏବଂ ପ୍ରଶାସନ ପକ୍ଷରୁ ବହୁବାର ଉଦ୍ୟମ ଓ ତାଗିଦ ସତ୍ତ୍ୱେ ଘରୋଇ ବସ୍ ମାଲିକମାନେ ରାଜି ହେଉନାହାନ୍ତି। ସମସ୍ୟା ସମ୍ପୂର୍ଣ୍ଣ ସମାଧାନ ପାଇଁ ଜିଦ୍‌ରେ ଅଟଳ ରହିଛନ୍ତି। ଅପରପକ୍ଷରେ ହଳଦିଆପଦରସ୍ଥ ଜାତୀୟ ରାଜପଥ ଡେଥ୍ ପଏଣ୍ଟରେ ପରିଣତ ହୋଇଛି। ବିଭିନ୍ନ ସମୟରେ ବହୁ ଦୁର୍ଘଟଣା ଘଟୁଛି ଏବଂ ଅକାଳରେ ସଡ଼କ ଦୁର୍ଘଟଣାରେ ଲୋକଙ୍କ ଜୀବନ ଯାଇଥିବା ଅନେକ ନଜିର ଅଛି। ଟର୍ମିନାଲ ପାଖରେ ଥିବା ଜିଲାର ଜଣେ ବରିଷ୍ଠ ରାଜନେତାଙ୍କ ଜମି ଥିବା ଏବଂ ତାଙ୍କ ଜମି ସୁରକ୍ଷା ଲାଗି ରୋଡ୍ ମ୍ୟାପ ବଦଳା ଯାଇଥିବାରୁ ଘଟୁଥିବା ସଡ଼କ ଦୁର୍ଘଟଣାର କାରଣ ହୋଇଥିବା ଆଲୋଚନା ପରିସରକୁ ଆସିଛି। ତେଣୁ ବହୁ କୋଟି ଟଙ୍କାରେ ନିର୍ମିତ ବସ ଟର୍ମିନାଲ କାର୍ଯ୍ୟକ୍ଷମ ନ ହୋଇ ଫାଙ୍କା ପଡ଼ିଛି।

ସେହିପରି ବିଡିଏ ଦ୍ୱାରା ଗୋପାଳପୁରରେ ମଧ୍ୟ ନିର୍ମାଣ କରାଯାଇଛି ବସ ଟର୍ମିନାଲ। ତାହା ମଧ୍ୟ ଦୁଇ ବର୍ଷ ତଳେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଯାତ୍ରୀ ସେବାରେ ଲୋକାର୍ପିତ ହୋଇଥିଲା। ସେଠାକୁ ମଧ୍ୟ କୌଣସି ବସ୍ ଯାଉନାହିଁ। ବସ୍ ଟର୍ମିନାଲରେ ଏନ୍‌ଏସି ଅଫିସ ରହିଛି। ଏ ବାବଦରେ ମଧ୍ୟ ବ୍ୟୟ ହୋଇଥିଲା ପ୍ରାୟ ୫ କୋଟି ଟଙ୍କା। ଛତ୍ରପୁରରେ ମଧ୍ୟ ବିଡିଏ ବସ୍ ଟର୍ମିନାଲ ନିର୍ମିତ ହୋଇଛି। ଯୋଗାଯୋଗ ବେଳେ ବିଡିଏ ସମ୍ପାଦକ ସମ୍ବିତ ରାଉତ କହିଛନ୍ତି, ହଳଦିଆପଦର ବସ୍ ଟର୍ମିନାଲ ପରିଚାଳନା ଦାୟିତ୍ୱ କାହାକୁ ଦିଆଯିବ ସେନେଇ ସରକାରୀ ନିର୍ଦ୍ଦେଶ ଆସିନାହିଁ। ତେଣୁ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଅନ୍ୟପକ୍ଷରେ ଗୋପାଳପୁର ଓ ଛତ୍ରପୁର ବସ୍ ଟର୍ମିନାଲ ସମ୍ପୃକ୍ତ ଏନ୍‌ଏସିକୁ ହସ୍ତାନ୍ତର କରାଯାଇଛି। ଗୋପାଳପୁର ଏନ୍‌ଏସି କର୍ତ୍ତୃପକ୍ଷ ଟର୍ମିନାଲକୁ ନିଜ କାର୍ଯ୍ୟାଳୟରେ ପରିଣତ କରିଛନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚରେ ଟର୍ମିନାଲଗୁଡ଼ିକ ନିର୍ମିତ ହୋଇଥିଲେ ମଧ୍ୟ ବସ ଚଳାଚଳ ସେଠାରୁ କାହିଁକି କରାଯାଉନାହିଁ ତାହା ପ୍ରଶ୍ନବାଚୀ ହୋଇଛି।

### ଚାକିରି ନାଁରେ ଠକେଇ ଘଟଣା
### ସଂସ୍ଥା ମାଲିକ କୋର୍ଟଚାଲାଣ

**ବ୍ରହ୍ମପୁର ଅଫିସ,୯।୩**
ମୋବାଇଲ ଟାୱାରରେ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇ ଗଞ୍ଜାମ ଓ ଗଜପତି ଜିଲାର ପ୍ରାୟ ୮୦୦ ଯୁବକଙ୍କଠାରୁ ୨୫ଲକ୍ଷ ଟଙ୍କା ଠକେଇ ଘଟଣାରେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ସଂସ୍ଥା ମାଲିକଙ୍କୁ ଗିରଫ କରିଛି। ସେ ହେଲେ ବସନ୍ତ ମଲ୍ଲିକ। ମାମଲା ନଂ.୬୦/୨୧ରେ ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ବସନ୍ତଙ୍କ ସ୍ତ୍ରୀ ମଧ୍ୟ ସାମିଲ ଥିବା ତଦନ୍ତ ବେଳେ ଜଣାପଡିଛି। ଗଜପତି ଜିଲା ପାରଳାଖେମୁଣ୍ଡି ଅଞ୍ଚଳର ଅନୁଜ କୁମାର ରଥ ବୈଦ୍ୟନାଥପୁର ଥାନାରେ କରିଥିବା ଅଭିଯୋଗ କରିଥିଲେ ଯେ, ବ୍ରହ୍ମପୁର ଗୋଲାପଲ୍ଲୀ ସାହିରେ ମାକସିସ୍ ଆଉଟସୋର୍ସିଂ ପ୍ରାଇଭେଟ ଲିମିଟେଡ୍ ନାମକ ସଂସ୍ଥା ଦ୍ୱାରା ସେ ଠକେଇର ଶିକାର ହୋଇଛନ୍ତି। ଏହି ସଂସ୍ଥା ୮୦୦ ଯୁବକଙ୍କଠାରୁ ୨୫ ଲକ୍ଷ ଠକିନେଇ ଚାକିରି ଦେଇ ନ ଥିବା ଓ ମାଲିକ ଦମ୍ପତି ଫୋନ ଉଠାଉ ନ ଥିବା ଦର୍ଶାଇଥିଲେ।

# ବଦଳିବ ରେଳଷ୍ଟେଶନ ରୂପ

## ଘୁଞ୍ଚିବ ରେଲୱେ ହସ୍ପିଟାଲ, ତିଆରି ହେବ ପାର୍କିଂସ୍ଥଳ



ବ୍ରହ୍ମପୁର ରେଳ ଷ୍ଟେଶନ ।

**ବ୍ରହ୍ମପୁର ଅଫିସ,୯।୩**
ବ୍ରହ୍ମପୁର ରେଳ ଷ୍ଟେଶନର ଚିତ୍ର ବଦଳିବାକୁ ଯାଉଛି। ଏଥିପାଇଁ ଡିପିଆର୍ ପ୍ରସ୍ତୁତ ହୋଇଛି। କୋଭିଡ୍ କଟକଣା ପାଇଁ ସୌନ୍ଦର୍ଯ୍ୟକରଣ କାମ ଅଟକି ଥିବାବେଳେ ଏବେ ପୁଣିଥରେ ତାହା ଆରମ୍ଭ ହେବାକୁ ଯାଉଛି। ଚୂଡ଼ାନ୍ତ ନକ୍ସା ମଞ୍ଜୁର ହୋଇ ଆସିଲେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ବିଶେଷକରି ରେଳ ଷ୍ଟେଶନ ସମ୍ମୁଖ ଭାଗକୁ ସୁନ୍ଦର କରିବା ଉପରେ ଏଥିରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ୧.୫କୋଟି ଟଙ୍କା ମଞ୍ଜୁର ହୋଇଥିବା ସୂଚନା ମିଳିଛି। ଏହାର ସମ୍ମୁଖ ଭାଗରେ ବ୍ୟବସ୍ଥିତ ଢଙ୍ଗରେ ପାର୍କିଂ ଷ୍ଟାଣ୍ଡ କରିବା ସହିତ ଯାତାୟାତରେ ସୁବିଧା କରିବାକୁ ଦୀର୍ଘଦିନ ହେଲା ଯୋଜନା ହୋଇଥିଲା। ଏବେ ଏହା କାର୍ଯ୍ୟକାରୀ ହେବାକୁ ଯାଉଛି। ସମ୍ମୁଖରେ ଥିବା ପୁରୁଣା ପାର୍କିଂସ୍ଥଳ, ରେଲୱେ ହସ୍ପିଟାଲ୍ ଓ ତାକୁ ଲାଗି ରହିଥିବା ରେଳବାଇର କ୍ୱାର୍ଟରଗୁଡ଼ିକ ଉଚ୍ଛେଦ କରାଯିବ। ହସ୍ପିଟାଲ୍ ପାଇଁ ରେଲୱେ ଇନ୍‌ଷ୍ଟିଚ୍ୟୁଟ୍ ନିକଟରେ ସ୍ଥାନ ନିରୂପଣ କରି କାମ ଆରମ୍ଭ ହେଲାଣି। ସେହିପରି ଖବ୍‌ଶୀଘ୍ର ପୁରୁଣା ହସ୍ପିଟାଲ୍ କୋଠା ଓ କ୍ୱାର୍ଟରଗୁଡ଼ିକ ଭାଙ୍ଗିବା ପାଇଁ ଟେଣ୍ଡର୍ ଆହ୍ୱାନ କରାଯିବ ବୋଲି ସୂଚନା ମିଳିଛି। ଏନେଇ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମା କୁହନ୍ତି, ଏବେ ନୂତନ ରେଳବାଇ ହସ୍ପିଟାଲ ନିର୍ମାଣ କାମ ଆରମ୍ଭ ହୋଇଛି। ହସ୍ପିଟାଲ ନିର୍ମାଣ କାମ ସରିବା ପରେ ପୁରୁଣା ହସ୍ପିଟାଲ କୋଠା ଓ କ୍ୱାର୍ଟରଗୁଡିକ ଭଙ୍ଗାଯିବ । ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମଧ୍ୟରେ ରେଳଷ୍ଟେଶନ୍ ସମ୍ମୁଖରେ ଦୁଇଚକିଆ ଓ ଚାରିଚକିଆ ଯାନ ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇ ଆଲୋକୀକରଣ କରାଯିବ। ଏହାପରେ ମଝିରେ ଏକ ଫାଉଣ୍ଟେନ୍ ମଧ୍ୟ ଲାଗିବ। ଷ୍ଟେଶନକୁ ଯାତ୍ରୀଙ୍କୁ ଛାଡ଼ିବା ପାଇଁ ଆସୁଥିବା ଲୋକମାନେ ଆଉ ସମ୍ମୁଖରେ ଗାଡ଼ି ରଖିବେ ନାହିଁ। ସେମାନଙ୍କ ପାଇଁ ଏକ ଗୋଲେଇ ରାସ୍ତା ନିର୍ମାଣ କରାଯିବ। ଭୁବନେଶ୍ୱର ରେଳଷ୍ଟେଶନ୍ ଢାଞ୍ଚାରେ ଏହା ହେବ ବୋଲି କୁହାଯାଉଛି। ଲୋକମାନେ କାର୍ କିମ୍ବା ବାଇକ୍‌ରେ ଆସିଲେ ଗୋଟିଏ ରାସ୍ତା ଦେଇ ଭିତରକୁ ପ୍ରବେଶ କରି ଷ୍ଟେଶନ୍ ସମ୍ମୁଖରେ ଓହ୍ଲାଇବେ। ପୁଣି ସେହି ଗାଡ଼ି ଗୋଲେଇ ରାସ୍ତା ଦେଇ ବାହାରକୁ ବାହାରି ଆସିବ ବୋଲି ନକ୍ସା ତିଆରି କରାଯାଇଛି। ଯେଉଁମାନେ ଗାଡ଼ି ରଖିବା ପାଇଁ ଚାହିଁବେ ସେମାନଙ୍କ ନିମନ୍ତେ ଜିଆରପି ଥାନା ସମ୍ମୁଖରେ ତିଆରି ହେବାକୁ ଥିବା ପାର୍କିଂସ୍ଥଳୀରେ ରଖିବେ। ସୁରକ୍ଷା ବ୍ୟବସ୍ଥା ପାଇଁ ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ମଧ୍ୟ ଖଞ୍ଜାଯିବ ବୋଲି ପ୍ରସ୍ତାବ ରହିଛି। ସୌନ୍ଦର୍ଯ୍ୟକରଣ କାମ ସରିବା ପରେ ରେଳ ଷ୍ଟେଶନର ରୂପ ସମ୍ପୂର୍ଣ୍ଣ ବଦଳିଯିବ ବୋଲି ସେ କହିଛନ୍ତି।

# କୋଭିଡ୍ କଟକଣାରେ ପାଳନ ହେବ ମହାଶିବରାତ୍ର

**ବ୍ରହ୍ମପୁର ଅଫିସ,୯।୩**
କୋଭିଡ୍ ସଂକ୍ରମଣର ଦ୍ୱିତୀୟ ଲହରୀ ଆଶଙ୍କା ଥିବାଯୋଗୁ ସ୍ୱାସ୍ଥ୍ୟ ବିଭାଗ ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଜିଲା ପ୍ରଶସାନକୁ କୋଭିଡ୍ କଟକଣାକୁ କଡ଼ାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ କୋଭିଡ୍ ନିୟମ ପାଳନ ସହ ଭକ୍ତଙ୍କୁ ମହାଶିବରାତ୍ରିରେ ମହାଦେବଙ୍କ ଦର୍ଶନ ଅନୁମତି ମିଳିଛି। ମନ୍ଦିର ପ୍ରଶସାନ ନିମନ୍ତେ ବାହାର ଜିଲାର ଭକ୍ତ, ଗର୍ଭବତୀ, ଅସୁସ୍ଥ ବ୍ୟକ୍ତିଙ୍କୁ ମନ୍ଦିର ମଧ୍ୟକୁ ପ୍ରବେଶ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସେହିଭଳି ବିନା ମାସ୍କରେ କୌଣସି ଭକ୍ତ ମନ୍ଦିରରେ ପ୍ରବେଶ କରିପାରିବେ ନାହିଁ। କୋଭିଡ୍ ନିୟମ ପାଳନ ପୂର୍ବକ ଭକ୍ତ ଭଗବାନଙ୍କ ଦର୍ଶନ କରିପାରିବେ ବୋଲି ପ୍ରଶାସନ ସ୍ପଷ୍ଟ କରିଛି। ନୀଳକଣ୍ଠେଶ୍ୱର ସେବା ପ୍ରତିଷ୍ଠାନ ସମିତି ସମ୍ପାଦକ ଦେବରାଜ ବେହେରା କୁହନ୍ତି, କୋଭିଡ୍ କଟକଣାରୁ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ସମସ୍ତ ସର୍ତ୍ତ ପାଳନ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ଚଳିତ ବର୍ଷ ପାଇଁ ସ୍ଥଗିତ ରଖାଯାଇଛି। ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ମାକ୍ସ ବଣ୍ଟନ କରାଯିବା ସହ ସାନିଟାଇଜର ମେଶିନ ବ୍ୟବହାର କରାଯିବ। ଗୋକର୍ଣ୍ଣେଶ୍ୱର ମନ୍ଦିର ପରିଚାଳନା କମିଟି ସଦସ୍ୟ କୃପାରାମ ଦାସ କୁହନ୍ତି, ବିନାମାସ୍କରେ ମନ୍ଦିରକୁ ପ୍ରବେଶ କରାଇ ଦିଆଯିବନି। ମନ୍ଦିର ପ୍ରବେଶ ଦ୍ୱାରରେ ସାନିଟାଇଜର ବ୍ୟବସ୍ଥା ରହିବ। ଲୋକଙ୍କ ସୁରକ୍ଷା ଦୃଷ୍ଟିରେ ରଖି ବାଉଁଶ ଓ ଷ୍ଟିଲର ବ୍ୟାରିକେଡ଼ ମଧ୍ୟରେ ଦୁରତା ରକ୍ଷାକରାଯିବାର ବ୍ୟବସ୍ଥା ରହିଛି।

### କଳାକାରଙ୍କ ପରଲୋକ

**ରାୟଗଡ଼(ଗଜପତି),୯।୩**
ଗଜପତି ଜିଲା ରାୟଗଡ଼ ବ୍ଲକ କୁମୁଲାସିଂ ଗ୍ରାମର ବିଶିଷ୍ଟ କଳାକାର ମୁରଲୀଧର ପାଇକ (୬୫)ଙ୍କ ମଙ୍ଗଳାବର ପରଲୋକ ଘଟିଛି। ବ୍ଲକ ଅଧ୍ୟକ୍ଷ ଧନେଶ୍ୱର ଭୂୟାଁ, ପୂର୍ବତନ ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ଅନ୍ତର୍ଯ୍ୟାମି ଗମାଙ୍ଗ, ଜିଲା ପରିଷଦ ଉପାଧ୍ୟକ୍ଷ ଆର୍. ବିଜୟ କୁମାର, ଯୁବ ନେତା ପ୍ରଦୀପ ଦଳାଇ, ଖବରଦାତା ଜ୍ୟୋତି ପ୍ରସାଦ ପାଣି ପ୍ରକାଶ କରିଛନ୍ତି।

**PARADIP PORT TRUST**
**e-TENDER NOTICE**
Name of work : **Construction of New Isolation Ward inside Port Trust Hospital.** Estimated Cost put to tender : **₹ 3,29,64,347.94.** Date of available of tender for online bidding : **03.03.2021 to 23.03.2021 upto 17.00 hrs.** For details of the tender for online bidding is available in the website : **https://eprocure.gov.in/eprocure/app**
**Executive Engineer,**
**Building Construction Division**
**PPT/PR/436/20-21 Dt : 09.03.2021**

# ନୀଳକଣ୍ଠନଗର ଶିଶୁମନ୍ଦିରର ସଫଳତା

## ମେଧାବୃତ୍ତି ପରୀକ୍ଷାରେ ଶାଶ୍ୱତ ସାହୁ ପ୍ରଥମ


ଉପସ୍ଥିତ ବିଦ୍ୟା ମନ୍ଦିରର ଶିକ୍ଷକ ଓ ଛାତ୍ର ।

**ବ୍ରହ୍ମପୁର ଅଫିସ,୯।୩**
ଜାତୀୟ ଗ୍ରାମୀଣ ମେଧାବୃତ୍ତି ପରୀକ୍ଷାରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଫଳତା ଆଣିଛି। ବ୍ରହ୍ମପୁର ମହାନଗରର ୭ ସ୍ଥାନ ମଧ୍ୟରୁ ନୀଳକଣ୍ଠନଗର ଶିଶୁମାନେ ୩ ସ୍ଥାନ ଅଧିକାର କରିଛନ୍ତି। ଶାଶ୍ୱତ ସାହୁ ପ୍ରଥମ,ପ୍ରଣବ କୁମାର ମଲ୍ଲିକ ଚତୁର୍ଥ ସ୍ଥାନ ଓ ଦୀପକ କୁମାର ନାୟକ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ଦୀର୍ଘ ୩୫ ବର୍ଷ ଧରି ଏହି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏଭଳି ସଫଳତା ଆଣିଛନ୍ତି। ଶିକ୍ଷାନୁଷ୍ଠାନ ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ଓ ଏସ୍,ମୋହନ ରାଓଙ୍କ ସମେତ ଅନୁଷ୍ଠାନ ପରିଚାଳନା ସମିତି ସଭାପତି ଶ୍ରୀକାନ୍ତ ମହାପାତ୍ର, ଉପ ସଭାପତି ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ, କୋଷାଧକ୍ଷ ରବୀନ୍ଦ୍ରନାଥ ଜେନା, ସଦସ୍ୟ ନୀଳକଣ୍ଠ ସାହୁ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟା ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ସୁଦର୍ଶନ ପାଢ଼ୀ, ହରିକୃଷ୍ଣ ପାଢୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବି.ଗଜପତି ରାଓ ଶିଶୁମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ୧୪୭୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ଆର.ଉଦୟଗିରି,୯।୩(ଡି.ଏନ.ଏ.)**
ଗଜପତି ଜିଲା ଆର.ଉଦୟଗିରି ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ମୋହନା ପୋଲିସ ମଙ୍ଗଳବାର କମଳାପୁର ଛକରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଗାଡ଼ିରୁ ୧୪୭୦ କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ସୁନିଲ କୁମାରଙ୍କୁ ଗିରଫ କରାଯାଇଛି। ସୁନିଲ ଜଣେ ସାଙ୍ଗଙ୍କ ସହିତ ମିଶି କୋରାପୁଟ ଅଞ୍ଚଳରୁ ଦିଲ୍ଲୀକୁ ଗଞ୍ଜେଇ ଚାଲାଣ କରୁଥିଲେ। ମଙ୍ଗଳବାର ଭୋର୍‌ରେ ସୁନିଲ ଗଞ୍ଜେଇ ଧରି ଗାଡ଼ିରେ ଯାଉଥିବା ସମୟରେ ମୋହନା ଅତିରିକ୍ତ ତହସିଲଦାର ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଆଶିଶ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଚଢ଼ାଉ କରି୫୧ଟି ଗଞ୍ଜେଇ ଭର୍ତ୍ତି ଥିବା ଜରି ବସ୍ତା ଜବତ କରିଥିଲେ। ଏନେଇ ନଂ ୬୭/୨୧ରେ ମାମଲା ରୁଜୁ ହୋଇଛି।

# ବିଶ୍ୱ ମହିଳା ଦିବସ ପାଳିତ

**ବ୍ରହ୍ମପୁର ଅଫିସ, ୯।୩**
ଗଞ୍ଜାମ ଜିଲା ମହିଳା କଂଗ୍ରେସ ତରଫରୁ ଏକ ଆଲୋଚନାଚକ୍ର ବିଶ୍ୱ ମହିଳା ଦିବସରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନାରୀମାନଙ୍କ ସମ୍ମାନ, ସ୍ୱାଧୀନତା ଓ ସ୍ୱାତନ୍ତ୍ରତା ଉପରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ୱରୂପା ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ଓ ବରିଷ୍ଠ କଂଗ୍ରେସ ନେତାମାନେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ କୃଷକ କଂଗ୍ରେସ ସେଲ ସଭାପତି ବୃନ୍ଦାବନ ଖଟାଇ, କବିସୂର୍ଯ୍ୟନଗର ବିଧାୟକ ପ୍ରାର୍ଥୀ ବିଜୟ କୁମାର ସାହୁ, ବ୍ରହ୍ମପୁର ଲୋକ ସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବିଜୟରାଜ ପାଣିଗ୍ରାହୀ, ପୂର୍ବତନ ଯୁବ କଂଗ୍ରେସ ଉପସଭାପତି ପ୍ରଭାତ ସାମନ୍ତରାୟ, ପୂର୍ବତନ ବିଧାୟକ ପ୍ରାର୍ଥୀ ଶିବ ପାତ୍ର, ଛତ୍ରପୁରର ବରିଷ୍ଠ କଂଗ୍ରେସ ନେତା ଭାଗୀରଥି ବେହେରା, ପ୍ରତିମା ମିଶ୍ର, ତତ୍‌ସତ୍ ସୁବୁଦ୍ଧି, ପତିତଗନ୍ତାୟତ, କୃଷ୍ଣାରେଡ୍ଡୀଓପିଣ୍ଟୁମଣ୍ଡଳତଥାଅନେକମହିଳାଓପୁରୁଷ କର୍ମୀ ଯୋଗ ଦେଇ ଥିଲେ।



ମଞ୍ଚାସୀନ କଂଗ୍ରେସ ନେତାମାନେ।

**ODISHA POWER GENERATION CORPORATION LIMITED**
OPGC
(A Government of Odisha Undertaking)
At: IB Thermal Power Station, P.O.: Banaharpali, Dist.: Jharsuguda, Odisha - 768234, Phone No.: (Land Line No. 06645-289232/315/221/355/356/245), Email: bkmishra@opgc.co.in

**NOTICE INVITING TENDER**
No. CAD-1466: OPGC invites sealed bids from bonafide and financially sound Registered Agencies/Firms/Companies for execution of the following supply/works for its Thermal Power Plant at Banharpali.

| SL. | DESCRIPTION | BID SALE DATE |
|---|---|---|
| | **A) WORKS TENDER FOR UNIT - 1 & 2** | |
| 1 | AMC for maintenance of P-Way/Railway track of MGR | 11.03.21 to 31.03.21 |
| 2 | AMC of Lighting & Cabling | 12.03.21 to 01.04.21 |
| 3 | AOH of HPBP Valves, LPBP & Gov Rack of Turbine Governing System, Unit # 1 & 2 | 10.03.21 to 20.03.21 |
| 4 | Overhauling of 20 MVA, 220 KV/33 KV (Apex Make) Colony Transformer | 10.03.21 to 30.03.21 |
| 5 | AOH of Mechanical Equipments of Turbine Auxiliaries, Unit # 2 | 13.03.21 to 02.04.21 |
| 6 | AOH of Mechanical Equipments of Ash Handling Plant, BOP etc., Unit # 2 | 13.03.21 to 02.04.21 |
| | **B) WORKS TENDER FOR UNIT - 3 & 4** | |
| 1 | AMC for Cleaning and Housekeeping Activities for New Infrastructure areas | 10.03.21 to 31.03.21 |
| 2 | Hiring of Manpower for AHP Electrical | 10.03.21 to 24.03.21 |
| 3 | Engagement of Manpower for Chharla Coal Loading yard & Misc. Job of MGR | 10.03.21 to 20.03.21 |
| | **C) SUPPLY TENDER FOR UNIT # 1 & 2** | |
| 1 | Supply of CPVC Pipes | 10.03.21 to 30.03.21 |
| 2 | Supply of Cast Basalt MS Pipe & Bend | 10.03.21 to 30.03.21 |
| | **D) SUPPLY TENDERS FOR UNIT # 3 & 4** | |
| 1 | Screen Plate 3-273-168 | 10.03.21 to 27.03.21 |
| 2 | Structural Steel Pipes duct internal support for Unit 3 & 4 Boiler AOH | 10.03.21 to 24.03.21 |
| 3 | Procurement of Structural Steel items for Unit 3 & 4 Boiler AOH (FY 2021-22) | 10.03.21 to 24.03.21 |

The detailed NITs along with Terms and Conditions are available for downloaded at OPGC website at **www.opgc.co.in**. Addenda/Corrigenda/Extensions, if any, will be notified on the OPGC website only and will not be published in another media. Interested companies or entities may visit OPGC website for the tender timeline and other details.
**Sd./- GM-SCM**
**OIPR-04017/11/0003/2021**

# ଜିଲାପାଳଙ୍କୁ ଭାଗଚାଷୀଙ୍କ ସ୍ମାରକପତ୍ର

**ଦିଗପହଣ୍ଡି,୯।୩(ଡି.ଏନ.ଏ)**
ଦିଗପହଣ୍ଡି ବ୍ଲକର ଧାନ ସଂଗ୍ରହ ନୀତିର ବ୍ୟାପକ ଅବ୍ୟବସ୍ଥା ନେଇ ଭାଗଚାଷୀଙ୍କ ପକ୍ଷରୁ ବିଡିଓଙ୍କ ଜରିଆରେ ଜିଲାପାଳଙ୍କ ନିକଟକୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏଥିରେ ଜିଲା ପ୍ରଶାସନ ହସ୍ତକ୍ଷେପ ନ କଲେ ଚାଷୀ ଓ ଭାଗଚାଷୀମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ମିଲର୍‌ମାନେ ଚାଷୀମାନଙ୍କଠାରୁ ଶାଗମାଛ ଦରରେ ଧାନ କିଣିବା ବନ୍ଦ କରନ୍ତୁ, ଧାନ ସଂଗ୍ରହ କେନ୍ଦ୍ରରେ କୁଇଣ୍ଟାଲ୍ ପିଛା ୩ କିଲୋ ଧାନ କାଟିବା ନୀତି ବନ୍ଦ କରନ୍ତୁ। ଧାନ ସଂଗ୍ରହ କେନ୍ଦ୍ରକୁ ଆଣୁଥିବା ଚାଷୀମାନଙ୍କୁ ପରିବହନ ଖର୍ଚ୍ଚ ମିଲର୍‌ମାନେ ବହନ କରିବା ସହିତ ଚାଷୀମାନଙ୍କୁ ସମସ୍ତ ପ୍ରକାର ସେବା ଯୋଗାଇବା ପାଇଁ ସରକାରୀ ନିୟମ ଥିଲେ ମଧ୍ୟ ଏହାର ଉଲ୍ଲଙ୍ଘନ କରୁଥିବା ପାକ୍ସ ସମ୍ପାଦକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେଉ ଆଦି ଚାଷୀମାନେ ଦାବି କରିଛନ୍ତି। ଏହାର ଏକ ନକଲ ଜିଲା ଯୋଗାଣ ଅଧିକାରୀ ଛତ୍ରପୁର ଓ ଅତିରିକ୍ତ ନିବନ୍ଧକ ବ୍ରହ୍ମପୁର ସମବାୟ ସମିତି ସମୁହକୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଆଇନଜୀବୀ କୁରେଶୁ ପଣ୍ଡା ଓ ସିପିଏମ୍ ନେତା ଅଶ୍ୱିନୀ କୁମାର ଦାଶଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

**ତହସିଲଦାର କାର୍ଯ୍ୟାଳୟ, ଚିକିଟୀ (ଗଂଜାମ)**
ବିଜ୍ଞପ୍ତି ସଂଖ୍ୟା ସୈରାତ/ତା
**ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ**
ଚିକିଟୀ ତହସିଲରେ ଥିବା ନିମ୍ନଲିଖିତ ଖଣିଜ ଦ୍ରବ୍ୟ ଉତ୍ସଗୁଡିକର 2021-2022 ବର୍ଷଠାରୁ 2025-2026 (ପାଞ୍ଚ) ବର୍ଷିଆ ଲିଜ୍ ଆକାରରେ ବନ୍ଦୋବସ୍ତ କରିବା ପାଇଁ ସ୍ଥିର କରାଯାଇଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ ଫର୍ମ ସହିତ ଅନ୍ୟାନ୍ୟ ଆବଶ୍ୟକ କାଗଜାତର ତିନି (3) ସେଟ୍ ଜଉମୁଦ ଲଫାପାରେ ଆସନ୍ତା25.03.2021ରିଖ ଦିନ 2.00 ଘଟିକା ସମୟ ପର୍ଯ୍ୟନ୍ତ ତହସିଲଦାରଙ୍କ କାର୍ଯ୍ୟାଳୟରେ ଥିବା Drop Boxରେ ଦାଖଲ କରିବା ହେବେ। ଉପରୋକ୍ତ ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଏ ସମସ୍ତ ଦରଖାସ୍ତଗୁଡିକ ସେହି ଦିନ ଦିବା 3.00 ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଜଉମୁଦ ଲଫାପା ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ, ଯଦି ପ୍ରଥମେ ଧାର୍ଯ୍ୟତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ କୌଣସି ଦରଖାସ୍ତ ଗ୍ରହଣ କରାଯାଇ ନ ଥାଏ ତାହା ହେଲେ ଦ୍ୱିତୀୟ ଥର ପାଇଁ ତା05.04.2021ରିଖ ଓ ତୃତୀୟ ଥର ପାଇଁ ତା23.04.2021ରିଖ ଦିବା 2.00 ଘଟିକା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ସେହିପରି ଭାବେ ଦରଖାସ୍ତ କରିପାରିବେ। ସେଗୁଡିକର ଅପରାହ୍ନ 3.00 ଘଟିକା ସମୟରେ ଉକ୍ତ ଦିନମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ। ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହିପାରନ୍ତି।
ଏହି ସଇରାତ ଉତ୍ସ ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଇରାତ ଉତ୍ସ ପ୍ରକାର ମୌଜାର ନାମ, ପ୍ଲଟ ନଂ., ରକବା ଏବଂ ଦରଖାସ୍ତ ଗ୍ରହଣ ସମୟ ସୀମା ଇତ୍ୟାଦି ସୂଚନା ଗଞ୍ଜାମ ଜିଲ୍ଲା ୱେବ୍‌ସାଇଟ୍ http://ganjam.nic.in ସଇରାତ ଅଧୀନରେ ଉପଲବ୍ଧ ହେବ।
ANNEXURE-1
DETAIL SOURCES TO BE LEASED OUT UNDER LONG TERM LEASE BASIS FROM THE FINANCIAL YEAR 2021-2022 TO 2025-2026 OF CHIKITI, TAHASIL

| କ୍ରମିକ ନଂ. | ସୈରାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା ହେକ୍ଟର | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ (ପ୍ରତି ଘନ ମି.) (ଟଙ୍କାରେ) | ଅତିରିକ୍ତ ଦେୟ (ପ୍ରତି ଘନ ମି.) (ଟଙ୍କାରେ) | ମୋଟ ଦେୟ (ପ୍ରତି ଘନ ମି.) (ଟଙ୍କାରେ) | M.G.Q. ଅନୁସାରେ ବାର୍ଷିକ ସୈରାତର ପରିମାଣ | ବ୍ୟାଙ୍କ ଜମା ଓ ସଲଭେନ୍‌ସି ପ୍ରମାଣପତ୍ର ପରିମାଣ (ଟଙ୍କାରେ) | 5% ଅମାନତ ରାଶି ବାବଦକୁ ଦେୟ (ଟଙ୍କାରେ) |
|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 |
| 1 | କୋଟି ଲିଙ୍ଗି, ପଥର | କୋଟିଲିଙ୍ଗି | 1515 | 5125 | 0.8200 | ପର୍ବତ | 130 | 100 | 230 | 1485 | 341550 | 17078 |
| 2 | ତୋଟାଗାଁ, ପଥର | ତୋଟାଗାଁ | 115 | 447 | 0.9200 | ପଥର ବଣି | 130 | 100 | 230 | 1539 | 353970 | 17699 |

ତହସିଲଦାର, ଚିକିଟୀ

